ମୁଖ୍ୟ ମହାପ୍ରବନ୍ଧକ, ଟେଲିକମ ଏବଂ ଅନ୍ୟମାନେ

ବନାମ

ଭି. ଏନ୍. ଏଣ୍ଟରପ୍ରାଇଜେସ୍

17 ଅଗଷ୍ଟ, 1995

[ମଦନ ମୋହନ ପୁଞ୍ଛି ଏବଂ ସୁଜାତା ଭି. ମନୋହର, ନ୍ୟାୟମୂର୍ତ୍ତି ଦ୍ୱୟ]

*ଭାରତୀୟ ସମ୍ବିଧାନ 1950*

*ଅନୁଚ୍ଛେଦ 12, 226 - ବୈଧାନିକ ପ୍ରାଧିକରଣ - ସାମଗ୍ରୀ ଯୋଗାଣ ପାଇଁ ଚୁକ୍ତି - ବକେୟା ବିଲ୍ - ଯୋଗାଣକାରୀଙ୍କ ଦ୍ୱାରା ବକୟା ଦାବି କରି ରିଟ୍ ଆବେଦନ - ବିଚାର କରାଗଲା, ବିବାଦୀୟ ଦାବି ସମ୍ବନ୍ଧରେ, ଦାବିଦାରଙ୍କୁ ଏକ ନିୟମିତ ମକଦ୍ଦମା ମାଧ୍ୟମରେ ଦେୱାନୀ ଅଦାଲତକୁ ଯିବାକୁ ପଡିବ ।*

**ଉତ୍ତରଦାତା ଉଚ୍ଚ ନ୍ୟାୟାଳୟଙ୍କଠାରେ ଏକ ଆବେଦନ ଦାଖଲ କରି ଅଭିଯୋଗ କରିଥିଲେ ଯେ ତାଙ୍କ ଦ୍ୱାରା ଉଦ୍ଧୃତ ହାରରେ ଆବେଦନକାରୀଙ୍କୁ କିଛି ସାମଗ୍ରୀ ଯୋଗାଇ ଦିଆଯାଇଥିଲା ଏବଂ ଆବେଦନକାରୀମାନେ ଯଦିଓ ଆଂଶିକ ଭାବରେ ବିଲ୍ ପ୍ରଦାନ କରିଥିଲେ, ଭୁଲ ଭାବରେ 66,09,669.36 ଟଙ୍କା ଅଟକାଇ ରଖିଥିଲେ । ରାଶି ପୁନରୁଦ୍ଧାର ନିମନ୍ତେ ସେ ଏକ ନିର୍ଦ୍ଦେଶ ପାଇଁ ପ୍ରାର୍ଥନା କରିଥିଲେ । ଅନ୍ୟପକ୍ଷରେ, ଏକ ଦେୱାନୀ ମକଦ୍ଦମା ଉଚିତ ପ୍ରତିକାର ଥିଲା ବୋଲି ଏକ ଆପତ୍ତି ଉଠାଇବା ବ୍ୟତୀତ ଆବେଦନକାରୀମାନେ ଯୁକ୍ତି ରଖିଥିଲେ ଯେ ଉତ୍ତରଦାତାମାନଙ୍କ ଦ୍ୱାରା ଉଚ୍ଚତର ମୂଲ୍ୟାଙ୍କ ଉଦ୍ଧୃତି କାରଣରୁ ସେମାନଙ୍କୁ 43, 16, 400 ଟଙ୍କାର କ୍ଷତି ସହିବାକୁ ପଡ଼ିଥିଲା, ଏବଂ ତେଣୁ, ସେହି ରାଶିକୁ ଅଟକାଇ ରଖିବାର ସେମାନଙ୍କର ଅଧିକାର ଥିଲା । ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଆପତ୍ତିକୁ ନାକଚ କରି ରିଟ୍ ଆବେଦନକୁ ଅନୁମତି ଦେଇଥିଲେ । ବ୍ୟଥିତ ହୋଇ, ଆବେଦନକାରୀମାନେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ସେହି ଆବେଦନ ଦାଖଲ କରିଥିଲେ ।**

**ଏହି ଆବେଦନକୁ ଫଇସଲା କରି ଏବଂ ଉଚ୍ଚ ନ୍ୟାୟାଳୟଙ୍କର ଆଦେଶରେ ସଂଶୋଧନ କରି, ଏହି ନ୍ୟାୟାଳୟ**

**ବିଚାର କଲେ : 1.1.ପକ୍ଷ ମାନଙ୍କର ନିଜସ୍ୱ ପ୍ରଦର୍ଶନରେ ଉତ୍ତରଦାତାଙ୍କ ଦାବି ଉପରେ ଦେବାକୁ ଥିବା ପ୍ରାୟ 23 ଲକ୍ଷ ଟଙ୍କା ପାଉଣା ବିବାଦୀୟ ହୋଇନଥିବାରୁ ଆବେଦନକାରୀମାନେ ପ୍ରତିକୂଳ ପ୍ରଭାବ ବିନା ବକେୟା ବିଲ୍ ଗୁଡ଼ିକର ଆଂଶିକ ପ୍ରତିବନ୍ଧକ ଦୂରିକରଣ ପାଇଁ ଉତ୍ତରଦାତାଙ୍କୁ 23 ଲକ୍ଷ ଟଙ୍କା ପ୍ରଦାନ କରିବେ ଏବଂ କ୍ରମାନୁସାରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କେବଳ 23 ଲକ୍ଷ ଟଙ୍କା ପଇଠ ମଧ୍ୟରେ ସୀମିତ ରହିବ ।**

**1.2.ଯେହେତୁ ଉତ୍ତରଦାତାଙ୍କର ବଳକା ଦାବି କରିବା ବିବାଦୀୟ ଅଟେ, ତେଣୁ ଏହାଙ୍କୁ ଏକ ନିୟମିତ ମକଦ୍ଦମାରେ ଦାବି କରି ଦେୱାନୀ ଅଦାଲତକୁ ଯିବାକୁ ପଡ଼ିବ । ଆବଶ୍ୟକୀୟ ଭାବେ ହିସାବରକ୍ଷଣ ପାଇଁ ମକଦ୍ଦମାରେ ଆଶ୍ରୟ ନିଆଯିବ ଏବଂ ଏଠାରେ ନିର୍ଦ୍ଦେଶ ଦିଆଯାଇଥିବା 23 ଲକ୍ଷ ଟଙ୍କା ସମେତ ଉତ୍ତରଦାତାଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଅର୍ଥରାଶି ହିସାବକୁ ଚୂଡ଼ାନ୍ତ କରିବା ସମୟରେ ଗଣନା କରିବାକୁ ପଡ଼ିବ ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 7409/1995 ।

ଓ. ଜେ. ସି. ସଂଖ୍ୟା 5565/1994 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ତା 14.11.94 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏନ୍. ଏନ୍. ଗୋସ୍ୱାମୀ, ସୁଶ୍ରୀ ଇନ୍ଦିରା ସାହନୀ ଏବଂ ସୁଶ୍ରୀ ଅନୀଲ କଟିୟାର ।

ଉତ୍ତରଦାତାମାନଙ୍କ ପାଇଁ ସୋଲି ଜେ. ସୋରାବଜୀ, ବିପିନ ନାୟାର, ମନଜିତ ସିନ୍ଧୁ ଏବଂ ରାଜୀବ ଦତ୍ତ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଆବେଦନକାରୀଙ୍କୁ ସାମଗ୍ରୀ ଯୋଗାଣ ଉପରେ ଏଠାରେ ଉତ୍ତରଦାତା ବିଲ୍ ଦାବି କରିଥିଲେ, ଯାହା ଆଂଶିକ ଭାବରେ ନିକାଶ ହୋଇଛି । ଯେହେତୁ ବଳକା ପରିମାଣ ଯଥେଷ୍ଟ ଥିଲା ଏବଂ ଆବେଦନକାରୀମାନେ ଏକ ବୈଧାନିକ କର୍ତ୍ତୃପକ୍ଷ ଏବଂ ଏହାର ପ୍ରତିନିଧି ଥିଲେ, ତେଣୁ ଉତ୍ତରଦାତା ବକେୟା ବଳକା ପୁନରୁଦ୍ଧାର କରିବାକୁ ଏକ ନିର୍ଦ୍ଦେଶ ପାଇଁ ଏକ ରିଟ୍ ଆବେଦନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଯାଇଥିଲେ । ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକୁ ଗ୍ରହଣ କରି ଏକ ଦେୱାନୀ ମକଦ୍ଦମା ପ୍ରତିକାର ବୋଲି ଆବେଦନକାରୀଙ୍କ ଆପତ୍ତି ସହିତ ଏହି ମାମଲାକୁ ଦୃଢ ଭାବରେ ଧାରଣ କରିଥିଲେ । ଆପତ୍ତିକୁ ଅଗ୍ରାହ୍ୟ କରି, ଉଚ୍ଚ ନ୍ୟାୟାଳୟ ଏହି ତଥ୍ୟ ଦ୍ୱାରା ପ୍ରେରିତ ହୋଇଥିଲେ ଯେ ଏହାଙ୍କ ସମ୍ମୁଖରେ ଥିବା ରିଟ୍ ଆବେଦନକାରୀ, ଅର୍ଥାତ୍ ଏଠାରେ ଉତ୍ତରଦାତା, ନିଃସନ୍ଦେହରେ ଏହାଙ୍କ ଦ୍ୱାରା ଉଦ୍ଧୃତ ମୂଲ୍ୟାଙ୍କରେ ସାମଗ୍ରୀ ଯୋଗାଇ ଦେଇଥିଲେ ଏବଂ ଆବେଦନକାରୀମାନେ ବିତରଣ ନେବା ପରେ ଉକ୍ତ ସାମଗ୍ରୀ ବ୍ୟବହାର କରିଥିଲେ, ଯେଉଁ ତଥ୍ୟ ବିବାଦୀୟ ନଥିଲା । ଏହା ଏହି ମତ ପୋଷଣ କରିଥିଲେ ଯେ ଯେତେବେଳେ ତଥ୍ୟଗୁଡ଼ିକୁ ସ୍ୱୀକାର କରାଯାଇଥିଲା, ସେତେବେଳେ ଆବେଦନକାରୀମାନଙ୍କ ତରଫରୁ ଉତ୍ତରଦାତାଙ୍କ ଦ୍ୱାରା ଆବେଦନକାରୀଙ୍କୁ ସାମଗ୍ରୀ ଯୋଗାଇ ଦେଇଥିବା କାରଣରୁ ଉତ୍ତରଦାତାଙ୍କୁ ଦେୟ ରାଶି ପ୍ରଦାନ ନକରିବାର କୌଣସି ଯଥାର୍ଥ କାରଣ ନଥିଲା । ଏହି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକୁ ଅନୁମତି ଦେଇ ଯୋଗାଣ ହୋଇଥିବା ସାମଗ୍ରୀର ଉଦ୍ଧୃତ ମୂଲ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କର ସେହି ମତକୁ ଏଠାରେ ଆପତ୍ତି କରାଯାଇଛି ।

ଏହି କାର୍ଯ୍ୟାନୁଷ୍ଠାନରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ କିମ୍ବା ମତାମତ ଉପରେ ଆମେ କୌଣସି ମନ୍ତବ୍ୟ ଦେବାକୁ ଚାହୁଁନାହୁଁ କାରଣ ଆମେ ଜାଣିବାକୁ ପାଇଛୁ ଯେ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ସେମାନଙ୍କ ପ୍ରତି ଜବାବରେ ଆବେଦନକାରୀମାନେ ନିବେଦନ କରିଥିଲେ ଯେ ଯେହେତୁ ଉଚ୍ଚତର ମୂଲ୍ୟାଙ୍କ ଉଦ୍ଧୃତି ହେତୁ ସେମାନଙ୍କୁ 43,16,400 ଟଙ୍କାର କ୍ଷତି ହୋଇଛି ଉତ୍ତରଦାତାଙ୍କୁ ପ୍ରଦାନ କରାଯିବା ପାଇଁ ସେହି ପରିମାଣକୁ ଅଟକାଇ ରଖିବାର ଅଧିକାର ସେମାନଙ୍କର ଥିଲା । ଅନ୍ୟ ପକ୍ଷରେ, ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଏବଂ ଏଠାରେ ମଧ୍ୟ, ଉତ୍ତରଦାତାଙ୍କ ଆବେଦନରେ ଦାବି କରାଯାଇଛି ଯେ 66, 09, 669.36 ଟଙ୍କା ବକେୟା ଥିଲା ଏବଂ ତ୍ରୁଟିପୂର୍ଣ୍ଣ ଭାବରେ ଅଟକାଇ ଦିଆଯାଇଥିଲା । ଏହି ଦୁଇଟି ଦାବିକୁ ପରସ୍ପର ମଧ୍ୟରେ ଯୋଡ଼ିବା ଦ୍ୱାରା, ଏହା ସ୍ପଷ୍ଟ ହୋଇଯିବ ଯେ ପକ୍ଷମାନଙ୍କ ନିଜସ୍ୱ ପ୍ରଦର୍ଶନ ଉପରେ ଉତ୍ତରଦାତାଙ୍କ ଦାବି ବାବଦକୁ ଦେବାକୁ ଥିବା ପାଖାପାଖି 23 ଲକ୍ଷ ଟଙ୍କା ବିବାଦୀୟ ନୁହେଁ । ଏହି କାରଣରୁ, ଆମେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବ୍ୟାଖ୍ୟା କରି ଆଦେଶ ଦେଉଛୁ ଯେ ଆବେଦନକାରୀମାନେ ପ୍ରତିକୂଳ ପ୍ରଭାବ ବିନା ଉତ୍ତରଦାତାଙ୍କୁ ବକେୟା ବିଲ୍ ଗୁଡ଼ିକର ଆଂଶିକ ନିକାଶ ପାଇଁ 23 ଲକ୍ଷ ଟଙ୍କା ପ୍ରଦାନ କରିବେ ଏବଂ କ୍ରମାନୁସାରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କେବଳ ଦେୟଯୋଗ୍ୟ 23 ଲକ୍ଷ ଟଙ୍କା ପଇଠ ମଧ୍ୟରେ ସୀମିତ ରହିବ, ଯାହା ଉଣାଧିକ ବିବାଦୀୟ ନୁହେଁ । ଉତ୍ତରଦାତାଙ୍କର ବଳକା ଦାବି ସମ୍ବନ୍ଧରେ, ଯେହେତୁ ଏହା ବିବାଦୀୟ, ଏହାଙ୍କୁ ଏକ ନିୟମିତ ମକଦ୍ଦମାରେ ଦାବି କରିବାକୁ ଦେୱାନୀ ଅଦାଲତକୁ ଯିବାକୁ ପଡ଼ିବ । ଆବଶ୍ୟକୀୟ ଭାବେ ହିସାବରକ୍ଷଣ ପାଇଁ ମକଦ୍ଦମାରେ ଆଶ୍ରୟ ନିଆଯିବ ଏବଂ ଆଜି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା 23 ଲକ୍ଷ ଟଙ୍କା ସମେତ ଉତ୍ତରଦାତାଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଅର୍ଥ ରାଶି, ହିସାବକୁ ଚୂଡ଼ାନ୍ତ କରିବା ସମୟରେ ଗଣନା କରିବାକୁ ହେବ । ତେଣୁ, ଆମେ ବିଳମ୍ବ ହୋଇଥିବା ସମସ୍ତ ଦେୟ ଉପରେ ସୁଧ ଦାବି ସମେତ ସମସ୍ତ ପ୍ରଶ୍ନ ଉପରେ ଦେୱାନୀ ଅଦାଲତରେ ସମାଧାନ ହେବାକୁ ଉନ୍ମୁକ୍ତ ରଖି ଆଦେଶ କରାଯାଇଥିବା 23 ଲକ୍ଷ ଟଙ୍କାର ଦେୟ ଉପରେ ସୀମିତ ରହି ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ସଂଶୋଧନ କରି ସ୍ପଷ୍ଟ କରୁଛୁ । ସେହି ଅନୁଯାୟୀ ଆବେଦନଟିର ଫଇସଲା ହେବ । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି.                                                  ଆବେଦନ ଫଇସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

*Translated by:*

ସୁବୋଧ ରାଉତ,

ଅନୁବାଦକ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।